# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.- ୧୮/୨୦୨୩

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଧେଣ୍ଡୁରା ଦେଇ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମି ଅନୁମୋଦିତ ମାଷ୍ଟର ପ୍ଲାନ୍‌ରେ କ୍ଲାସ୍-' C-II ' ଶ୍ରେଣୀଭୁକ୍ତ ହୋଇଛି । ଉକ୍ତ ସରକାରୀ ଜମିରେ ଆଞ୍ଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେଉଁଝର ଙ୍କର କର୍ଯ୍ୟାଳୟ ଓ ପ୍ରୟୋଗଶାଳା ନିର୍ମାଣ କରିବା ପାଇଁ ଆବେଦନ କରିଛନ୍ତି । ବର୍ତ୍ତମାନ ଏହାର ଶ୍ରେଣୀ କ୍ଲାସ୍-' C-II 'ରୁ 'C-I' କୁ ପରିବର୍ତ୍ତନ କରିବା ଅପରିହାର୍ଯ୍ୟ ଅଟେ । ମାଷ୍ଟରପ୍ଲାନ୍‌ରେ ଏହି ଶ୍ରେଣୀ ପରିବର୍ତ୍ତନ ଦ୍ୱାରା ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ପୌରପାଳିକାଙ୍କର ସ୍ୱାର୍ଥ ହାନୀ ଘଟୁଥାଏ ତେବେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ ।

## ତଫସିଲ

### ମୌଜା- ମାଗୁରଗାଡିଆ ସାମିଲ ଶିରିପୁର

| ଖାତା ନଂ | ପ୍ଲଟ ନଂ | କିସମ | ଲିଜ୍ ପାଇଁ ଆବଶ୍ୟକ ରକବା(ଏକରରେ) | ମାଷ୍ଟର ପ୍ଲାନ୍‌ରେ ଅନୁମୋଦିତ ଶ୍ରେଣୀ | ମାଷ୍ଟର ପ୍ଲାନ୍‌ରେ ପ୍ରସ୍ତାବିତ ଶ୍ରେଣୀ |
|---|---|---|---|---|---|
| ୧୮୦ (ଅନାବାଦି) | ୧୨୦ | ବଜେଫସଲ-୨ | ୦.୨୧୦ | କ୍ଲାସ୍-ସି-୨ | କ୍ଲାସ୍-ସି-୧ |
| | ୧୨୧ | ଘରବାରି-୨ | ୦.୧୯୦ | କ୍ଲାସ୍-ସି-୨ | କ୍ଲାସ୍-ସି-୧ |
| | ୧୨୨ | ଘରବାରି-୨ | ୦.୦୪୦ | କ୍ଲାସ୍-ସି-୨ | କ୍ଲାସ୍-ସି-୧ |
| | ମୋଟ: | ୩ ଟି ପ୍ଲଟ | ୦.୪୪୦ | | |

ତହସିଲଦାର, କେନ୍ଦୁଝର

TAHASILDAR KEONJHAR

ଏହାର ଏକକିତା ନକଲ ସଂପୃକ୍ତ ପୌରପାଳିକାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା। ଅନ୍ୟ ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଯନ୍ତ୍ର ଦ୍ୱାରା ପ୍ରଚାର ପାଇଁ ପ୍ରେରିତ ହେଲା। ଅନ୍ୟ ଏକକିତା ନକଲ District Website: www.keondjhar.nic.in ରେ ପ୍ରକାଶନ ପାଇଁ ପ୍ରେରିତ ହେଲା।

ତହସିଲଦାର, କେନ୍ଦୁଝର
22.3.23

TAHASILDAR